## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ।

## Celebration of District level Vigilance Awareness Week.

ଅନୁଗୋଳ,ତା.୩୧.୧୦:- ଅନୁଗୋଳ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ସଭା ଓ ଅଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଦୁର୍ନିତି ନିବାରଣ ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିବା ସହ ଏ ବର୍ଷର ବାର୍ତ୍ତା 'ସଚ୍ଚୋଟତା- ଏକ ଜୀବନ ଶୈଳୀ' ଉପରେ ଆଲୋକପାତ କରିଥିଲେ । ଜୀବନରେ ଲୋଭକୁ ପରିହାର କରି ସଚ୍ଚୋଟପଣିଆକୁ ଆଦରି ନେଲେ ସମାଜରେ ପରିବର୍ତ୍ତନ ଆସିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସରକାରଙ୍କ ଉପଲବ୍ଧ ବ୍ୟବସ୍ଥାକୁ ନେଇ ନିଃସ୍ୱାର୍ଥପର ଭାବେ ଦାୟିତ୍ୱ ନିର୍ବାହ କରି ସମାଜ ପାଇଁ କିଛି ଭଲ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଅତିତରେ ନିରାଡମ୍ବର ଜୀବନଯାପନ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଆଦର୍ଶମୟ ଜିବନୀ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ସମ୍ପତ୍ତି ଲୋଭର ବଶବର୍ତ୍ତୀ ନ ହୋଇ ଗରିବ ଲୋକମାନଂକୁ ସରକାରଙ୍କର ବିଭିନ୍ନ ସେବା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସରକାର ଶାସନଗତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ' ୫ଟି' ଓ ସୂଚନା ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରୁଛନ୍ତି । ଓଡିଶା ଜନସେବା ଅଧିକାର ଆଇନ୍‌ରେ ଲୋକମାନଂକୁ ୨୪୦ ପ୍ରକାର ସେବା ୩୫ଟି ବିଭାଗ ଦ୍ୱାରା ପ୍ରଦାନ କରାଯାଉଛି । ଏଥିରେ ଖିଲାପ କଲେ ଦଣ୍ଡବିଧାନ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ । ସମସ୍ତେ ସଚେତନ ହୋଇ ଲାଂଚ ଗ୍ରହଣ କରିବା ଓ ଲାଂଚ ଦେବା ପ୍ରଥାକୁ ପ୍ରତିରୋଧ କରିବା ସହ ଲୋକମାନଂକୁ ଏକ ମୂଲ୍ୟବୋଧଭିତ୍ତିକ ସେବା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୋଗାଇ ଦେବାକୁ ସେ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ପ୍ରଚଳିତ ନିୟମାବଳୀରେ ସରକାର ପରିବର୍ତ୍ତନ ଆଣୁଥିବାରୁ ଦୁର୍ନିତିର ମାତ୍ରା ଧିରେ ଧିରେ କମୁଛି । ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସ୍ୱଚ୍ଛତା ଅବଲମ୍ବନ ହୋଇପାରିବା ସହ ଜନସାଧାରଣ ତ୍ୱରିତ ନ୍ୟାୟ ପାଇ ପାରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ଶାନ୍ତନୁ କୁମାର ସର ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇ ଚଳିତ ବର୍ଷର ବାର୍ତ୍ତା 'ସଚ୍ଚୋଟତା- ଏକ ଜୀବନ ଶୈଳୀ' ଉପରେ ଆଲୋକପାତ କରିଥିଲେ । ଦୁର୍ନିତୀ ଦେଶର ଉନ୍ନତି ଓ ବିକାଶର ଶତ୍ରୁ, ପରିବେଶ ପ୍ରଦୂଷଣକାରୀ ଓ ଏହା ଦେଶର ଚିତ୍ରକୁ ନଷ୍ଟ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଦୁର୍ନିତୀ ପ୍ରଶାସନ ଓ ନାଗରିକ ମଧ୍ୟରେ ପ୍ରାଚୀର ସୃଷ୍ଟି କରିଥାଏ । ସମାଜରୁ ଦୁର୍ନିତି ହଟାଇବାକୁ ହେଲେ ଶାସନଗତ ଢାଂଚାରେ ପରିବର୍ତ୍ତନ,

ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ବ୍ୟାପକ ସଚେତନତାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇ ଦୁର୍ନୀତି ସମାଜରେ ଏଭଳି ଏକ ଅପରାଧ ଯାହା ସମାଜକୁ ସମୃଦ୍ଧିରୁ ବଞ୍ଚିତ କରୁଛି । ଜନସାଧାରଣ ଉପଯୁକ୍ତ ନ୍ୟାୟ ପାଇ ପାରୁନାହାଁନ୍ତି । ଏଥି ନିମନ୍ତେ ଆମର ମାନସିକତାରେ ପରିବର୍ତ୍ତନ ଆବଶ୍ୟକ । ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ଆମ ସମସ୍ତଙ୍କର ଆଭିମୁଖ୍ୟ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ସମାଜରେ ରୋଗ ପରି ବ୍ୟାପି ଯାଉଥିବା ଦୁର୍ନୀତିକୁ ପ୍ରତିହତ କରିବାକୁ ହେଲେ ପିଲା ମାନଙ୍କୁ ପରିବାରରୁ ନୀତି ଓ ଆଦର୍ଶ ଶିକ୍ଷା ଦେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଉପସ୍ଥିତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ, ବିଶିଷ୍ଟ ବ୍ୟକ୍ତି , ଶିକ୍ଷାବିତ୍,ବୁଦ୍ଧିଜିବୀ ଓ ଛାତ୍ରଛାତ୍ରୀ ମାନଂକୁ ଦୁର୍ନତି ନିବାରଣ ସଚେତନତା ସପ୍ତାହ ପାଳନ ନିମନ୍ତେ ଉଦ୍ଦିଷ୍ଟ ଶପଥ ପାଠ କରାଇଥିଲେ । ଏହାଛଡା ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରିୟ ଏକତା ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ରାଷ୍ଟ୍ରିୟ ସଂକଳ୍ପ ଦିବସର ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବସନ୍ତ କୁମାର ପ୍ରଧାନ ଓ ଅନୁଗୋଳ ପଂଚାୟତ ସମିତିର ଅଧ୍ୟକ୍ଷ ଶ୍ରୀ ନିରଂଜନ ଦେହୁରୀ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାକାର୍ଯ୍ୟ ପରିଚାଳନାରେ ଅନୁଗୋଳ ଦୁର୍ନୀତି ନିବାରଣ ବିଭାଗର ଡି ଏସ୍ ପି ଭିଜିଲାନ୍ସ ଶ୍ରୀ ପ୍ରଦୀପ କୁମାର ପ୍ରଧାନ ଓ ଇନିସ୍‌ପେକ୍ଟର ଶ୍ରୀ ଦଇତାରୀ ଘଡେଇଙ୍କ ସମେତ ତାଂକ କାର୍ଯ୍ୟାଳୟର କର୍ମଚାରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ ।


ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଗୋଳ
ଆୟୋଜକ
ଜିଲ୍ଲାପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ଓଡ଼ିଶା, କଟକ ଡିଭିଜନ



